To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
S A K A L A

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ଅଯୋଧାରେ ବିବାଦୀୟ ସ୍ଥଳଠାରୁ ମାତ୍ର ଅଳ୍ପ ଦୂରରେ ନିର୍ମିତ ହେବ ପ୍ରଭୁ ରାମଚନ୍ଦ୍ରଙ୍କ ୧୦୦ ମିଟର ଉଚ୍ଚତାର ପ୍ରତିମୂର୍ତ୍ତି ।

R.N.I. No.-42041/83 Vol-15, Issue No.103, ଭଦ୍ରକ, ବୁଧବାର, ୧୧, ଅକ୍ଟୋବର ୨୦୧୭ ■ Bhadrak, Wednesday, 11 October 2017 Rs. 2.00 Pages-8

ଟ୍ରିପିଲ୍ ମର୍ଡ଼ର

ଅନୁଗୁଳରେ ଚାଞ୍ଚଲ୍ୟ

ଅନୁଗୋଳ, ୧୦।୧୦ (ସକାଳ ଖବର): ଅନୁଗୋଳ ଜିଲ୍ଲା କିଶୋରନଗର ଥାନା ଅଧିନସ୍ଥ ଗମ୍ଭାରୀମଳିଆ ଗ୍ରାମର ଘଟିଛି ରହସ୍ୟଜନ ମୃତ୍ୟୁ । ଗୋଟିଏ ପରିବାରର ବାପା-ମା' ଓ ପୁଅର ମୃତଦେହକୁ ନେଇ ଖାଲି ଅନୁଗୋଳ ନୁହେଁ ବରଂ ସମଗ୍ର ରାଜ୍ୟରେ ଚାଞ୍ଚଲ୍ୟ ଖେଳିଯାଇଛି । ପତ୍ନୀ ଓ ପୁଅଙ୍କ ମୃତଦେହ ଗମ୍ଭାରୀମଳିଆ ଗ୍ରାମରୁ ଉଦ୍ଧାର କରାଯାଇଥିବା ବେଳେ ତାଙ୍କ ସ୍ୱାମୀଙ୍କ ମୃତଦେହ ଏଠାରୁ ୭୫ କି.ମି. ଦୂର ଆଠମଲ୍ଲିକ ପୋକଣ୍ଡା ପୋଲ ତଳୁ ଉଦ୍ଧାର କରାଯାଇଥିବା ଜଣାଯାଇଛି । ସେମାନଙ୍କୁ କେହି ଦୁର୍ବୃତ୍ତ ଯୋଜନାବଦ୍ଧ ଭାବେ ହତ୍ୟା କରିଥିବା ସନ୍ଦେହ କରାଯାଉଛି । ମୃତ ପତି-ପତ୍ନୀ ହେଲେ ବିରଂଚି ନାୟକ ଓ ତାଙ୍କ ପତ୍ନୀ ତରଣୀ ନାୟକ । ଆଜି ସକାଳେ ଗମ୍ଭାରୀମଳିଆ ଗ୍ରାମରୁ ପତ୍ନୀ ତରଣୀଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ବିରଂଚିଙ୍କ ମୃତଦେହ ଏଠାରୁ ୭୫ କି.ମି. ଦୂର ଆଠମଲ୍ଲିକ ପୋକଣ୍ଡା ପୋଲ ତଳୁ ଉଦ୍ଧାର କରାଯାଇଛି । ବିରଂଚିଙ୍କୁ ଗଳାକାଟି ହତ୍ୟା କରାଯାଇଛି । ଏହି ଦମ୍ପତିଙ୍କର ୪ବର୍ଷର ପୁଅ ଘଟଣା ପରଠାରୁ ନିଖୋଜ ଥିବା ଜଣାପଡ଼ିଥିବାବେଳେ ତାକୁ ବି ହତ୍ୟା ଘରେ ୨ ବର୍ଷର ଝିଅ ରହିଛି । ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ରହିଛି । ପୋଲିସ ଘଟଣାର ତଦନ୍ତ ଚଳାଇଛି ।

ନାବାଳିକାକୁ ଯବାନଙ୍କ ଗଣଦୁଷ୍କର୍ମ !

- ● ପୀଡ଼ିତାଙ୍କ ମେଡିକାଲ ରିପୋର୍ଟକୁ ଅପେକ୍ଷା
- ● ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ : ଡିଆଇଜି
- ● ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରାସ୍ତାରୋକ

କୋରାପୁଟ, ୧୦।୧୦ (ସକାଳ ଖବର): କୋରାପୁଟ ଜିଲ୍ଲା ପଟାଙ୍ଗୀ ଥାନା ଅନ୍ତର୍ଗତ ସୋରିଷପଦର ବିଦ୍ୟାଳୟର ଜନୈକା ନବମ ଶ୍ରେଣୀ ଛାତ୍ରୀ ଆଜି ମଧ୍ୟାହ୍ନରେ ୪ଜଣ ଯବାନଙ୍କ ଦ୍ୱାରା ଗଣଦୁଷ୍କର୍ମର ଶୀକାର ହୋଇଥିବାର ଅଭିଯୋଗ ହୋଇଛି । ସେ ପାସପୋର୍ଟ ଫୋଟୋ ଉଠାଇବାକୁ କୁନ୍ଦୁଲି ହାଟପଦା ହାଟକୁ ଯାଇ ସେଠାରୁ ଫେରୁଥିବା ସମୟରେ ଯବାନମାନେ ତାଙ୍କୁ ରାସ୍ତାରୁ ଉଠାଇ ନେଇ ବଳପୂର୍ବକ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି ।

ପ୍ରାପ୍ତ ସୂଚନା ମୁତାବକ, ଛାତ୍ରୀ ଜଣକ ପାସପୋର୍ଟ ଫୋଟୋ ଉଠାଇ ଫେରୁଥିବା ବେଳେ ମାଳିପୁଟ-ସୋରିଷପଦର ନିକଟରେ ଯବାନ ମାନେ ତାଙ୍କୁ ରାସ୍ତାରୁ ବଳପୂର୍ବକ ଉଠାଇନେଇଥିଲେ । ଜୋରଜବରଦସ୍ତ ତାଙ୍କ ସହିତ ଗଣଦୁଷ୍କର୍ମ କରିଥିଲେ । ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ସେଠାରୁ ଉଦ୍ଧାର କରି କୁନ୍ଦୁଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସ୍ୱାସ୍ଥ୍ୟାବସ୍ଥା ଉଦବେଗଜନକ ହୋଇପଡିବାରୁ ପରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ **(ପୃଷ୍ଠା-୭)**

ଏସସିବି ଯୌନ ନିର୍ଯାତନା ମାମଲା : ପିଡୀତାଙ୍କ ବୟାନ ରେକର୍ଡ

କଟକ/ଭୁବନେଶ୍ୱର, ୧୦।୧୦ (ସକାଳ ଖବର): କଟକ ଏସସିବି ଡେଂଟାଲ ବିଭାଗ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଅଭିଯୋଗ ଘଟଣାରେ ସମ୍ପୃକ୍ତା ଛାତ୍ରୀଙ୍କ ବୟାନ ରେକର୍ଡ ହୋଇଛି । ମଙ୍ଗଳବାର ଦିନ ମଙ୍ଗଳବାଗ ପୋଲିସର ଏକ ଟିମ୍ ଛାତ୍ରୀ ନିବାସ ଯାଇ ଅଭିଯୋଗକାରିଣୀଙ୍କ ବୟାନ ରେକର୍ଡ କରିଥିଲା। ଆଇପିସିର ଧାରା ୧୬୧ ଆଧାରରେ ଛାତ୍ରୀଙ୍କ ବୟାନ ରେକର୍ଡ କରାଯାଇଛି । ସୂଚନାଯୋଗ୍ୟ ଯେ କଟକ ଏସସିବି ମେଡିକାଲ କଲେଜର ଡେଂଟାଲ ବିଭାଗର ଆସୋସିଏଟ୍ ପ୍ରଫେସର ନିରଞ୍ଜନ ମିଶ୍ର ଓ ସିନିୟର ରେସିଡେଂଟ କ୍ରିଷ୍ଣଗୋପାଲ ବର୍ମାୱାଲ ଉତରାଖଣ୍ଡର ଜଣେ ଛାତ୍ରୀଙ୍କୁ ନିୟମିତ ଯୌନ ନିର୍ଯାତନା ଦେଇ ଆସୁଥିବା ନେଇ ଛାତ୍ରୀ ଜଣକ ଗତକାଲି ମଙ୍ଗଳାବାଗ ଥାନାରେ ଏତଲା ଦେଇଥିଲେ।

ମୁଖ୍ୟମନ୍ତ୍ରୀଙ୍କୁ ବୈଷ୍ଣବଙ୍କ ଟାର୍ଗେଟ୍

ଓଡିଆ ନଜାଣି ଓଡିଶାରେ ଶାସନ କରିବାର ତାଙ୍କର ଅଧିକାର ନାହିଁ

ବୈଷ୍ଣବଙ୍କ ବୟସ ଅଧିକ ହୋଇଥିବାରୁ ମତିକ୍ରମ ଘଟିଛି : ରାସେଶ୍ୱରୀ

ବୈଷ୍ଣବଙ୍କ ମନ୍ତବ୍ୟ ଓଡିଆଙ୍କ ପାଇଁ ଶୁଭ ସୂଚନା : ସୁରେଶ

ଭୁବନେଶ୍ୱର, ୧୦।୧୦ (ସକାଳ ଖବର): ମୁଖ୍ୟମନ୍ତ୍ରୀ ଓଡିଆ ନଜାଣିବାକୁ ନେଇ ଦଳ ଭିତରେ ବିବାଦ ଦେଖାଦେଇଛି । ଦଳର ପୂର୍ବତନ ସାଂସଦ ତଥା ବରିଷ୍ଠ ନେତା ବୈଷ୍ଣବ ପରିଡା ସମ୍ବଲପୁର ଠାରେ ଆୟୋଜିତ ଭାଷା ସୁରକ୍ଷା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ୍ କରି କହିଛନ୍ତି ଯେ ଓଡିଆ ନଜାଣି ଓଡିଶାରେ ଶାସନ କରିବାର ତାଙ୍କର **(ପୃଷ୍ଠା-୭)**

ବିଜେଡିର କାଉଣ୍ଟର ଆଟାକ୍

ବୈଷ୍ଣବ ନୀଳବର୍ଣ୍ଣ ଶୃଗାଳ

ଭୁବନେଶ୍ୱର ,୧୦।୧୦ (ସକାଳ ଖବର): ବୈଷ୍ଣବ ପରିଡ଼ା ଜଣେ ସୁବିଧାବାଦୀ ନେତା। ନୀଳବର୍ଣ୍ଣ ଶୃଗାଳ ପରି ବହୁ ଦଳ ପରିବର୍ତନ ସେ କରିଛନ୍ତି । ନିଜର ସ୍ୱାର୍ଥ ପାଇଁ ସେ ଯେ କୌଣସି କାଯର୍‌ୟ କରିପାରନ୍ତି ବୋଲି ବିଜେଡି ରାଜ୍ୟ ସଂପାଦକ ବିଜୟ ନାୟକ କହିଛନ୍ତି । ବୈଷ୍ଣବବାବୁ ବର୍ତମାନ ଯାହା କହୁଛନ୍ତି, ସେତେବେଳେ କ'ଣ ଜାଣିନଥିଲେ? ତେବେ ଏବେ କାହିଁକି ପାଟି ଖୋଲୁଛନ୍ତି। ତାଙ୍କର ଭିତିର ରହସ୍ୟ କ'ଣ? ସେ ନିଜେ ନିଜକଥା କହୁଛନ୍ତି ନା ଅନ୍ୟ କେହି ତାଙ୍କ ମୁହଁରେ କଥା କୁହାଉଛନ୍ତି, ତାହା ସ୍ପଷ୍ଟ ହେବା ଦରକାର। ବୈଷ୍ଣବବାବୁ ପାହାଡ଼କୁ ଟେକା ମାରୁଛନ୍ତି, ଯାହାର ପରିଣାମ ସେ ନିଜେ ହିଁ କ୍ଷତାକ୍ତ ହେବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଆ ବୁଝନ୍ତି ଓ ଓଡ଼ିଆରେ ବାର୍ତାଳାପ କରନ୍ତି ଏବଂ ରାଜ୍ୟବାସୀଙ୍କ ସହିତ ତାଙ୍କର କ୍ରିୟାଶୀଳ ସଂପର୍କ ପାଇଁ ରାଜ୍ୟବାସୀ ତାଙ୍କୁ ଆଶୀର୍ବାଦ, ଅକୁଣ୍ଠ ସମର୍ଥନ ଓ ସହଯୋଗ କ୍ରମାଗତ ଭାବେ ଯୋଗାଇ ଦେଇଛନ୍ତି। ଯାହାଫଳରେ ତାଙ୍କ ଲୋକପ୍ରିୟତା ଦିନକୁ ଦିନ ବଢ଼ିବାରେ ଲାଗିଛି ବୋଲଇ ସେ କହିଛନ୍ତି ।

ପୂର୍ବତନ ବିଧାୟକ ସଞ୍ଜୀବ ପ୍ରଧାନ ଗିରଫ

ଭୁବନେଶ୍ୱର, ୧୦।୧୦ (ସକାଳ ଖବର): ଅର୍ଥ ଆତ୍ମସାତ୍ କରିବା ଅଭିଯୋଗରେ କ୍ରାଇମବ୍ରାଂଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ) ଦେବଗଡର ପୂର୍ବତନ ବିଜେଡି ବିଧାୟକ ସଂଜୀବ କୁମାର ପ୍ରଧାନଙ୍କୁ ଗିରଫ କରିଛି । ତାଙ୍କ ବିରୁଦ୍ଧରେ ଦଫା ୪୨୦ , ୪୦୬,୪୬୫, ୪୬୭, ୪୬୮, ୪୭୧ ଏବଂ ୧୨୦ (ବି) ରେ ମାମଲା ରୁଜୁ ହୋଇଛି । ତାଙ୍କୁ ଆସନ୍ତାକାଲି ସମ୍ବଲପୁର ଏସଡିଜେଏମ୍ କୋର୍ଟରେ ହାଜର କରାଯିବ । ଏଥିପୂର୍ବରୁ ରେଙ୍ଗାଲୀ ପ୍ରକଳ୍ପର ଜମି ଅଧିଗ୍ରହଣ ଅଧିକାରୀ ସୁବାଷ ଚନ୍ଦ୍ର ସାହୁଙ୍କୁ ମଧ୍ୟ ଗତ ୨୦୧୫ ଜୁନ୍ ୨୨ ତାରିଖରେ ଗିରଫ କରାଯାଇଥିଲା ।

ଅଭିଯୋଗ ଅନୁଯାୟୀ ରେଙ୍ଗାଲୀ ବହୁମୁଖୀ ପ୍ରକଳ୍ପ ପାଇଁ ଭଟସିଂହ ମଉଜାରେ ୧୯୮୩ ମସିହାରେ ଜମି ଅଧିଗଅହଣ କରାଯାଇଥିଲା ଏବଂ ବିସ୍ଥାପିତ ମାନଙ୍କୁ କ୍ଷତିପୂରଣ ଦିଆଯାଇଥିଲା। ତେବେ ସେହି ଗ୍ରାମର ବିସ୍ଥାପିତ ମଧୁସୂଦନ ଗଡନାୟକ ଓ ତାଙ୍କ ଭାଇ ଶିବ ପ୍ରସାଦ ଗଡନାୟକ ନିଜ ଜମିର ଉପଯୁକ୍ତ ମୂଲ୍ୟ ନେଇ କେସ୍ କରିଥିଲେ ଏବଂ ପୂର୍ବତନ ବିଧାୟକ ତଥା ଆଇନଜୀବୀ ତାଙ୍କ ପାଇଁ କେସ୍ ଲଢିଥିଲେ । ସେମାନଙ୍କ ପକ୍ଷରୁ ଶ୍ରୀ ପ୍ରଧାନ ଜମି ବାବଦରେ ୨୭ ଲକ୍ଷ ୧୮୪୮ ଟଙ୍କା ଆଣି ଆତ୍ମସାତ୍ କରିଥିଲେ ।

ପୋଲାଭରମ୍ କାର୍ଯ୍ୟ ବନ୍ଦ କରିବାକୁ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କୁ ନବୀନଙ୍କ ଚିଠି

ଭୁବନେଶ୍ୱର,୧୦।୧୦ (ସକାଳ ଖବର): ପୋଲାଭରମ୍ ପ୍ରକଳ୍ପ ଦ୍ୱାରା ଓଡିଶା ବିଶେଷ ଭାବେ କ୍ଷତିଗ୍ରସ୍ତ ହେଉଛି । ତେଣୁ ଏହାର ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କୁ ଚିଠି ଲେଖି ଦାବି ଜଣାଇଛନ୍ତି । ଯେପର୍ଯ୍ୟନ୍ତ ଓଡିଶା ସମସ୍ୟାର ସମାଧାନ ନହୋଇଛି ସେପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ରଖିବା ପାଇଁ ଶ୍ରୀ ପଟ୍ଟନାୟକ ଉକ୍ତ ଚିଠିରେ ଦର୍ଶାଇଛନ୍ତି । ଏହି ପ୍ରକଳ୍ପ ଦ୍ୱାରା ମାଲକାନଗିରି ଜିଲ୍ଲା ବିଶେଷ ଭାବେ କ୍ଷତିଗ୍ରସ୍ତ ହେବ । ଚାଲିଥିବା ନିର୍ମାଣ କାର୍ଯ୍ୟ ଗୋଦାବରୀ ଜଳ ଟ୍ରିବ୍ୟୁନାଲର ଆଦେଶକୁ ଉଲ୍ଲଂଘନ କରୁଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି ।

ଶାନ୍ତି ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ଅନଶନ

ଭୁବନେଶ୍ୱର, ୧୦।୧୦ (ସକାଳ ଖବର): ସାଇନ୍ ଏ ଡାଏ ଉଠିବା ପରେ ଖୋଲିଥିଲା ଉତ୍କଳ ବିଶ୍ୱବିଦ୍ୟାଳୟ । କିନ୍ତୁ ନିର୍ବାଚନ କରିବା ଦାବିରେ ଗତକାଲି ପୁଣି ଥରେ ବିଶ୍ୱ ବିଦ୍ୟାଳୟ ପରିସରରେ ଅଶାନ୍ତି ସୃଷ୍ଟି ହୋଇଥିଲା । ମଙ୍ଗଳବାର ବିଶ୍ୱବିଦ୍ୟାଳୟ କୁଳପତି ସୌମେନ୍ଦ୍ର ମୋହନ ପଟ୍ଟନାୟକ ଶାନ୍ତି ଫେରାଇ ଆଣିବାକୁ ଅନଶନରେ ବସିଥିଲେ । କୁଳପତିଙ୍କ ସହିତ ଅନ୍ୟ ଅଧ୍ୟାପକ ଓ ବିଭିନ୍ନ ବିଭାଗର ମୁଖ୍ୟ ମଧ ସାମିଲ ହୋଇଥିଲେ । କିଛି ଛାତ୍ରଛାତ୍ରୀ ମଧ୍ୟ ଏହାକୁ ସମର୍ଥନ ଜଣାଇଥିଲେ। କୁଳପତି ନିଜ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଥିଲେ । ସୂଚନାଯୋଗ୍ୟ ଯେ ଗତକାଲି ବିଶ୍ୱବିଦ୍ୟାଳୟରେ ସାଇନ ଏ ଡାଏ ହଟିବା ପରେ ଛାତ୍ରଛାତ୍ରୀ ମାନେ ହଷ୍ଟେଲକୁ ଫେରିଥିଲେ । ମୁଖ୍ୟଫାଟକ ଆଗରେ ପରିଚୟ ପତ୍ର ଦେଖାଇ ସମସ୍ତଙ୍କୁ କ୍ୟାମ୍ପସ୍ ଭିତରକୁ ଛଡ଼ା ଯାଇଥିଲା । ମାତ୍ର ନିର୍ବାଚନ କରିବା ଦାବିରେ ଛାତ୍ରଛାତ୍ରୀମାନେ କୁଳପତିଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ । ଫଳରେ ପୁଣିଥରେ ବିଶ୍ୱବିଦ୍ୟାଳୟରେ ଅଶାନ୍ତିର ବାତାବରଣ ଦେଖିବାକୁ ମିଳିଛି ।

ପୁଣି ୩ ଦିନିଆ ରିମାଣ୍ଡରେ ଗଲା ହନିପ୍ରୀତ

ପଞ୍ଚକୁଲା, ୧୦।୧୦: ଡେରା ସଚା ସୌଦା ପ୍ରମୁଖ ଗୁରମିତ ରାମ ରହିମର ସବୁଠୁ ନିକଟତମ ହନିପ୍ରୀତ ଇନସାନକୁ ମଙ୍ଗଳବାର ପୋଲିସ ପୁର୍ନବାର ୩ ଦିନିଆ ରିମାଣ୍ଡରେ ନେଇଛି । ୫ ଦିନିଆ ରିମାଣ୍ଡ ଶେଷ ହେବା ପରେ ପୋଲିସ ହନିପ୍ରୀତକୁ ଆଜି କୋର୍ଟରେ ହାଜର କରିଥିଲା । ପୋଲିସ ନିଜର ପକ୍ଷ ରଖି କହିଥିଲା ଯେ ଜେରା ସମୟରେ ହନିପ୍ରୀତ ସହଯୋଗ କରୁନାହିଁ । ଏବେ ତାକୁ ଅନେକ ଗୁଡିଏ ଜାଗାକୁ ନେଇ ଜେରା କରିବାର ଅଛି । ହନିପ୍ରୀତ ଆଦିତ୍ୟ ଓ ପବନ ଇନସାନ ବିଷୟରେ ଜାଣିଥିବା ପୋଲିସ କୋର୍ଟରେ କହିଛିଛ ତେଣୁ ହନିପ୍ରୀତକୁ ଅଧିକ ଜେରା ପାଇଁ ରିମାଣ୍ଡରେ ନେବାକୁ ପୋଲିସ କୋର୍ଟରେ କହିଥିଲା । ଏହା ପରେ କୋର୍ଟ ହନିପ୍ରୀତର ୩ ଦିନ ରିମାଣ୍ଡ ଅବଧି ବଢ଼ାଇ ଦେଇଛନ୍ତି । କୁହାଯାଉଛି ଯେ ଆଜି କୋର୍ଟରେ ହାଜର କରିବା ପୂର୍ବରୁ ହନିପ୍ରୀତର ରକ୍ତଚାପ ବଢ଼ିଯାଇଥିଲାଛ ସୋମବାର ସନ୍ଧ୍ୟାରେ ତାକୁ ଜ୍ୱର ମଧ ହୋଇଥିଲା । ଜେରା ସମୟରେ ହନିପ୍ରୀତ ମୁଣ୍ଡ ବ୍ୟଥା ହୋଇଥିବା ଅଭିଯୋଗ କରିଥିଲା । ଏହା ପରେ ପୋଲିସ ତୁରନ୍ତ ଡାକ୍ତର ଡକାଇ ହନିପ୍ରୀତର ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରାଇଥିଲ । ସୋମବାର ରାତି ପ୍ରାୟ ୮ଟାରେ ମହିଳା ଡାକ୍ତର ଓ ଫାର୍ମାସିଷ୍ଟ ଦଳ ପଞ୍ଚକୁଲା ସେକ୍ଟର ୨୩ର ଚଣ୍ଡିମନ୍ଦିର ଥାନାରେ ପହଞ୍ଚିଥିଲେ । ସେଠାରେ ପ୍ରାୟ ଅଧ ଘଣ୍ଟା ହନିପ୍ରୀତର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ପଞ୍ଚକୁଲା ପୋଲିସ ଡେରା ପ୍ରବନ୍ଧନର ଅଧକ୍ଷ ବିପଶ୍ୟନା ଇନସାନକୁ ଜେରା ପାଇଁ ଡକାଇଥିଲା । ମାତ୍ର ସେ ସ୍ୱାସ୍ଥ୍ୟ ଖରାପ ଥିବାର ଦ୍ୱାହି ଦେଇ ଥାନାକୁ ଆସିନଥିଲେ । କୁହାଯାଉଛି ଯେ ପୋଲିସ ହନିପ୍ରୀତକୁ କୋର୍ଟରେ ହାଜର କରିବା ପୂର୍ବରୁ ହନିପ୍ରୀତ-ବିପଶ୍ୟନାକୁ ସାମ୍ନା ସାମ୍ନି ବସାଇ ଜେରା କରିବାକୁ ଚାହୁଁଥିଲା ।



ନେବାର ଭଲ ଉପାୟ ହେଉଛି ଦେବା ।

ହୁଣ୍ଡିର ଆୟ (୧୦.୧୦.୧୭)
୧,୬୬,୦୬୦

ବାହାରିପାରିଲାନି ନିଷ୍କର୍ଷ

ଭୁବନେଶ୍ୱର ,୧୦।୧୦ (ସକାଳ ଖବର): ୧୨ ଦଫା ଦାବି ପୂରଣ ନେଇ ମହିଳା ଓ ଶିଶୁ କଲ୍ୟାଣ ବିଭାଗର ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ସାମଲଙ୍କ ସହ ଆଙ୍ଗନବାଡି କର୍ମୀ ସଂଘର ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲେ ହେଁ ଏଥିରେ କୌଣସି ନିଷ୍କର୍ଷ ବାହାରି ପାରି ନ ଥିଲା । ଦାବି ପୂରଣ ନେଇ ସରକାର ଦେଢ ମାସ ସମୟ ମାଗିଛନ୍ତି ଆନ୍ଦୋଳନରୁ ନିବୃତ ରହିବାକୁ ମନ୍ତ୍ରୀ ଶ୍ରୀ ସାମଲ ସଂଘର କର୍ମକର୍ତା ମାନଙ୍କୁ ବାରମ୍ବାର ଅନୁରୋଧ କରିଥିଲେ । ଅନ୍ୟ ପକ୍ଷରେ ଏହି ଆଲୋଚନା ସଫଳ ହୋଇଛି ଓ ସେମାନଙ୍କର କେତେକ ଦାବିକୁ ମାନିବୁ ବୋଲି ଶ୍ରୀ ସାମଲ କହିଥିବା ବେଳେ ବେଳେ ସଂଘ ପକ୍ଷରୁ ଏହି ଆଲୋଚନା ବିଫଳ ହୋଇଛି ବୋଲି କୁହା ଯାଇଛି । ଏହା ବ୍ୟତୀତ ଚାଲିଥିବା ଆନ୍ଦୋଳନକୁ ଅବ୍ୟାହତ ରଖାଯିବ । ମନ୍ତ୍ରୀ ଆନ୍ଦୋଳନ ପ୍ରତ୍ୟାହାର କରିବା ନେଇ କରିଥିବା ଅନୁରୋଧ ସମ୍ପର୍କରେ ଜିଲ୍ଲା ଶାଖାର ସଭାପତି ଓ ସମ୍ପାଦକ ମାନଙ୍କ ସହ ଆଲୋଚନା କରି ନିଷ୍ପତି ନିଆ ଯିବ ବୋଲି ସଂଘ ପକ୍ଷରୁ କୁହା ଯାଇଛି । ସୂଚନାଯୋଗ୍ୟ ଯେ ଆଙ୍ଗନବାଡି କର୍ମୀଙ୍କ ଆନ୍ଦୋଳନ ଦୀର୍ଘ ୨୯ ଦିନରେ ପହଂଚିଛି ।

ବାଣ ବିକ୍ରି ଉପରେ କମିଶନରେଟ୍ ପୋଲିସ୍‌ର କଟକଣା

- ● ୧୨୫ ଡେସିବେଲରୁ ଅଧିକ ଶବ୍ଦ ସୃଷ୍ଟିକାରୀ ବାଣ ବିକ୍ରି ଉପରେ ରୋକ
- ● ରାତି ୧୦ ଟା ପରେ ବାଣ ଫୁଟାଯାଇ ପାରିବ ନାହିଁ
- ● ବାଣ ବିକ୍ରି ଉପରେ ସ୍ୱତନ୍ତ୍ର ସ୍କ୍ୱାର୍ଡ ନଜର ରଖିବ

ଭୁବନେଶ୍ୱର, ୧୦।୧୦ (ସକାଳ ଖବର): ଆଗକୁ ଦିପାବଳୀ ଥିବା ବେଳେ ବାଣ ବିକ୍ରି ଉପରେ କଟକଣା ଜାରୀ କରାଯାଇଛି । ଏଥିନେଇ କମିଶନରେଟ୍ ପୋଲିସ୍ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରୀ ହୋଇଛି । ଏହା ଅନୁଯାୟୀ ୧୨୫ ଡେସିବେଲରୁ ଅଧିକ ଶବ୍ଦ ସୃଷ୍ଟିକାରୀ ବାଣ ବିକ୍ରି ଉପରେ ରୋକ ଲଗାଯାଇଛି । ଜନ ବସତିର ୫୦ ମିଟର ମଧ୍ୟରେ ବାଣ ବିକ୍ରି ଉପରେ ମଧ୍ୟ କଟକଣା ଜାରୀ କରାଯାଇଛି । ସେହିପରି ହସ୍ପିଟାଲ ଓ ଶିକ୍ଷାନୁଷ୍ଠାନ ନିକଟରେ ବାଣ ବିକ୍ରିକୁ ବନ୍ଦ କରାଯିବ । ରାତି ୧୦ ଟା ପରେ ବାଣ ଫୁଟାଯାଇ ପାରିବ ନାହିଁ ।

ଏହାସହିତ ବାଣ ବ୍ୟବସାୟୀଙ୍କୁ ଲାଇସେନ୍ସ ଦେବା ନେଇ ମଧ୍ୟ କଟକଣା ଜାରୀ କରାଯାଇଛି । ବାଣ ଦୋକାନ ଗୁଡିକ ମଧ୍ୟରେ ନିର୍ଦ୍ଦିଷ୍ଟ ଦୂରତା ରଖିବା ବାଧ୍ୟତା ମୂଳକ ହେବ ଏବଂ ଦୋକାନ ଗୁଡିକ ମୁହାଁମୁହିଁ ରହି ପାରିବ ନାହିଁ । ବାଣ ବିକ୍ରି ଉପରେ କମିଶନରେଟ୍ ପୋଲିସ୍ ର ସ୍ୱତନ୍ତ୍ର ସ୍କ୍ୱାର୍ଡ ନଜର ରଖିବ ଏବଂ ନିୟମ ମାନି ନଥିବା ବ୍ୟବସାୟୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କମିଶନରେଟ୍ ପୋଲିସ୍ ପକ୍ଷରୁ କୁହାଯାଇଛି। ଦୀପାବଳି ସମୟରେ ଲାଇସେନ୍ସପ୍ରାପ୍ତ ବାଣ ଦୋକାନରୁ ବାଣ କିଣିବାକୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି । ଏହାସହ ବାଣ ଫୁଟାଇବା ସମୟରେ ଛୋଟ ଛୁଆଙ୍କୁ ବାଣ ଫୁଟାଇବାକୁ ଏକୁଟିଆ ନଛାଡିବାକୁ କମିଶନରେଟ୍ ପୋଲିସ୍ ପରାମର୍ଶ ଦେବା ସହ ପିଲାମାନେ ବାଣ ଫୁଟାଉଥିବା ସମୟରେ ବୟସ୍କ ଉପସ୍ଥିତ ରହିବାକୁ କୁହାଯାଇଛି । ସେହିପରି ବାଣ କିଣିବା ବେଳେ ଏହା କିପରି ଫୁଟାଯିବ ସେ ନେଇ ସମସ୍ତ ତଥ୍ୟ ଦୋକାନୀ ଗ୍ରାହକଙ୍କୁ ଜଣାଇବା ବାଧ୍ୟତାମୂଳକ କରାଯାଇଛି । ଯଦି କେହି ଦୋକାନୀ ଏହି ନିୟମର ଉଲ୍ଲଘଂନ କରୁଥାଏ ତେବେ ତାଙ୍କ ପ୍ରତି ଆଇନତଃ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରଯିବା ସହ ଲାଇସେନ୍ସ ରଦ୍ଦ କରାଯିବ ନେଇ ମଧ ସୂଚନା ଜାରି କରାଯାଇଛି। ସେହିପରି **(ପୃଷ୍ଠା-୭)**

ମଇଳା ପ୍ରକଳ୍ପ ବନ୍ଦକର
ଆମ ଗାଁ, ଆମ ଜଙ୍ଗଲ ଛାଡ଼ିବୁ ନାହିଁ
ଆମ ପରିବେଶକୁ ପ୍ରଦୂଷଣ ମୁକ୍ତ କର

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick